ଭାରତୀୟ ଜନତା ପାର୍ଟି

ଜାତୀୟ ପରିଷଦ ବୈଠକ

ତାଲକଟରା ଷ୍ଟାଡ଼ିୟମ

ନୂଆ ଦିଲ୍ଲୀ-110001

ମାର୍ଚ୍ଚ 2-3, 2013

# ଆର୍ଥିକ ପ୍ରସ୍ତାବ

ମୁଦ୍ରାସ୍ଫୀତୀ ଫଳରେ ଦର ଦାମ ବୃଦ୍ଧି ଓ ଭ୍ରଷ୍ଟାଚାର ଉ.ପା ସରକାରର ଏକ ପରିଚୟ ହୋଇଗଲାଣି ଓ ଦେଶ ଏକ ଅର୍ଥନୀତଜ୍ଞ ପ୍ରଧାନ ମନ୍ତ୍ରୀଙ୍କ ନେତୃତ୍ୱରେ ଅର୍ଥନୀତିକୁ ଏପରି ଅପମାନ ଜନକ ପରିସ୍ଥିତିକୁ ପହଞ୍ଚାଇ  ଦେଇଛି ତାହା ବାସ୍ତବରେ ଚିନ୍ତାର ବିଷୟ । ଦେଶର ଅର୍ଥନୀତିର ଏପରି ଦୁଃସ୍ଥ ଅବସ୍ଥା ପାଇଁ ବି.ଜେ.ପି ଗୁରୁତ୍ୱ ସହକାରେ ଚିନ୍ତା କରେ ଓ କଂଗ୍ରେସ ନେତୃତ୍ୱାଧୀନ ଉ.ପା ସରକାରଙ୍କୁ ପୂରାପୂରି ଦାୟୀ କରେ । କାରଣ ଏପରି ସ୍ଥିତିରେ ସାଧାରଣ ମଣିଷକୁ ହିଁ ସବୁଠାରୁ ଅଧିକ କଷ୍ଟ ସହିବାକୁ ପଡୁଛି ।

ହୃଷ୍ଟ ପୁଷ୍ଟ ଅର୍ଥ ଅର୍ଥନୀତି ନେଇ ନାସ୍ତି ସୂଚକ ବକ୍ତବ୍ୟ

1998 ମସିହାରେ ଯେତେବେଳେ ଏନ.ଡ଼ି.ଏ ଶାସନ ଭାର ଗ୍ରହଣ କଲା ସେତେବେଳେ ଦେଶର ବିକାଶ ହାର ମାତ୍ର 4% ଥିଲା । ମାତ୍ର ଦୂରଦର୍ଶୀ ନେତା ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଦେଶର ଅର୍ଥନୀତି ବିକାଶର ପଥରେ ଅଗ୍ରସର ହୋଇଥିଲା । ଯାହାର ପରିଣାମ ସ୍ୱରୂପ ଶାସନ ତ୍ୟାଗ କରିବା ସମୟରେ 2004 ମସିହାରେ ଦେଶର ବିକାଶ ହାର 8.25% କୁ ପହଞ୍ଚିଥିଲା । ମାତ୍ର ଉ.ପା ସରକାରଙ୍କ ପାଖରେ ଦେଶର ଅର୍ଥନୀତିକୁ ଦୃଢ଼ିଭୂତ କରିବା ପାଇଁ କୌଣସି ସ୍ୱପ୍ନ ହିଁ ନାହିଁ କହିଲେ ଚଳେ । ଏକ ବିଶାଳ ଅର୍ଥନୀତିର  ପ୍ରତିଷ୍ଠା ପାଇଁ ବିକାଶ ହାର ଅଧିକ, କମ ମୁଦ୍ରା ସ୍ଫୀତୀ, କମ ସୁଧ ହାର ଆଦି ରହବା ଏକାନ୍ତ ଜରୁରୀ । ହେଲେ ଦୁର୍ଭାଗ୍ୟକର ଘଟଣା ହେଉଛି ଉ.ପା ସରକାର ଏହାର ବିପରୀତ ଦିଗରେ ଦ୍ରୁତ ଗତିରେ ଧାବମାନ । ଗତ 9 ବର୍ଷ ମଧ୍ୟରେ ବିକାଶ ହାରକୁ 10% ଆଡ଼କୁ ଓ ମୁଦ୍ରାସ୍ଫୀତୀକୁ 5% ଆଡ଼କୁ ପହଞ୍ଚାଇବା ଦିଗରେ ଅଗ୍ରସର ହେବା ପରିବର୍ତ୍ତେ ବରଂ ସେ ବିକାଶ ହାରକୁ 5% କୁ ଓ ମୁଦ୍ରାସ୍ଫୀତୀକୁ 10% ପାଖକୁ ନେଇଯାଇଛନ୍ତି । ଅର୍ଥନୈତିକ କୁପରିଚାଳନା ପାଇଁ ସେମାନେ ଆଜି ଦେଶକୁ 10 ବର୍ଷ ତଳକୁ ନେଇଯାଇଛନ୍ତି ।

ଆଜି ଦେଶର ଆଇ.ଆଇ.ପି ସୂଚୀ ତାଲିକା ଧୀରେ ଧୀରେ ଖସିବାକୁ ଲାଗୁଛି ଓ ବର୍ତ୍ତମାନର ଅର୍ଥାତ 2012 ଡ଼ିସେମ୍ବର ସୁଦ୍ଧା 0.6% ରେ ରହିଅଛି । କୋଇଲା, ଖଣି,ଶକ୍ତି, ସାର, ପ୍ରାକୃତିକ ଗ୍ୟାସ ଆଦି ଦେଶର ମୁଖ୍ୟ କ୍ଷେତ୍ର ଗୁଡ଼ିକ ଆଜି ପ୍ରତିକୂଳ ଗତିରେ ଧାବମାନ । ଦେଶର ବିତ୍ତୀୟ ନିଅଣ୍ଟ ଆଜି 5.3% ପାଖରେ ଅଟକି ଯାଇଛି । ପ୍ରତ୍ୟେକ ବଜେଟ ଉପସ୍ଥାପନା କରିବା ସମୟରେ ସରକାର ବିଭିନ୍ନ ପ୍ରକାରର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଦେଶର ଦୁସ୍ଥ ପରିସ୍ଥିତିର କୌଣସି ପରିବର୍ତ୍ତନ ପରିଲକ୍ଷିତ ହୁଏ ନାହିଁ । ସବୁଠାରୁ ଆଶ୍ଚର୍ଯ୍ୟକର କଥା ହେଉଛି ରାଜ୍ୟ ମାନଙ୍କର ବିତ୍ତୀୟ ନିଅଣ୍ଟ ହ୍ରାସ ପାଇଚାଲିଛି । ତେଣୁ ଉ.ପା ସରକାର କେବଳ ନିଜେ ହିଁ ଉକ୍ତ ବିତ୍ତୀୟ ନିଅଣ୍ଟ ପାଇଁ ଦାୟୀ ଅଟନ୍ତି ।

ବି.ଜେ.ପି ନେତୃତ୍ୱାଧୀନ ଏନ.ଡ଼ି.ଏ ସରକାର ଦେଶରେ ଏକ ଐତିହାସିକ ଅର୍ଥନୈତିକ ପଦ୍ଧତି ଲାଗୁ କରିଥିଲା । ତାହା ଥିଲା ଫିସକାଲ ରେସପନସିବିଲିଟି ଆଣ୍ଡ ବଜେଟାରୀ ମ୍ୟାନେଜମେଣ୍ଟ (ଏଫ.ଆର.ବି.ଏମ) ଆକ୍ଟ ଯେଉଁଥିରେ ବିତ୍ତୀୟ ନିଅଣ୍ଟକୁ 3% କୁ ହ୍ରାସ କରାଇବାର ସମ୍ଭାବନା ଥିଲା । ଯାହାକୁ କେନ୍ଦ୍ର ସରକାର ଆଦୌ ଦୃଷ୍ଟି ଦେଇ ନଥିବା ବେଳେ କେତେକ ରାଜ୍ୟ ସରକାର ଗୁଡ଼ିକ ନିଜ ନିଜ ରାଜ୍ୟରେ ଲାଗୁ କରିଛନ୍ତି । ଯାହାର ଉପାଦେୟତା ତାଙ୍କ ଆର୍ଥିକ ପ୍ରଗତୀକୁ ଦେଖି ସ୍ପଷ୍ଟ ଅନୁମାନ କରା ଯାଇପାରେ ।

ଚଳିତ ଆୟ ବ୍ୟୟର ହିସାବରେ ନିଅଣ୍ଟ ଯାହାକି ଜି.ଡ଼ି.ପି ର 5.4% ହେବା ଖୁବ ଚିନ୍ତାର ବିଷୟ । ସଂଚୟ ହ୍ରାସ ପାଇବା ଓ ପୁଞ୍ଜି ନିବେଶ ହ୍ରାସ ପାଇବା ଯୋଗୁ ହିଁ ଏପରି ଅବସ୍ଥା ସୃଷ୍ଟି ହୋଇଛି । ତାହା ସହ ଏହାକୁ ଅର୍ଥ ଯୋଗାଇବା ପାଇଁ ସ୍ୱଳ୍ପ ସମୟ ଭିତ୍ତିକ ଋଣ ଓ କରଜ ଆଦି ବୃଦ୍ଧି ପାଇବାକୁ ଲାଗୁଛି । ଏପରି ବର୍ତ୍ତମାନର ଅସୁବିଧାରୁ ମୁକ୍ତି ପାଇବା ପାଇଁ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେବା ଦ୍ୱାରା ଦେଶର ଅର୍ଥନୀତିର ଅବସ୍ଥା କଅଣ ହେବ ତାହା ସମସ୍ତେ ଭଲ ଭାବରେ ଜାଣି ପାରୁଥିବେ । ଏହାର ଅନ୍ୟ ଏକ ପ୍ରତିକୂଳ ପ୍ରଭାବ ହେଉଛି ମୁଦ୍ରାର ଅବମୂଲ୍ୟାୟନ । ତାହା ଗତ 12 ମାସ ମଧ୍ୟରେ 20% ହ୍ରାସ ପାଇଅଛି । ଯେଉଁଠିକି ବହୁ ବୈଦେଶିକ ମୁଦ୍ରାର ମୂଲ୍ୟ ଡ଼ଲାର ତୁଳନାରେ ବୃଦ୍ଧି ପାଇ ଚାଲିଛି । ଦେଶର ବୈଦେଶିକ ଋଣ ମଧ୍ୟ 30% ଅଧିକ, ଅର୍ଥାତ 260 ବିଲିୟନ ଡ଼ଲାରରୁ 340 ବିଲିୟନ ଡ଼ଲାରକୁ ପହଞ୍ଚିଛି । ଏପରି ପରିପ୍ରେକ୍ଷୀରେ ସରକାର କୌଣସି ସମାଧାନର ପନ୍ଥା ଖୋଜି ବାହାର କରିବା ପରିବର୍ତ୍ତେ ଓଲଟା ବିଭିନ୍ନ କ୍ଷେତ୍ରରେ ଦର ଦାମର ବୃଦ୍ଧି କରାଇଛନ୍ତି ଓ କେତେକ ଖର୍ଚ୍ଚ ମଧ୍ୟକାଟ କରିଦେଇଛନ୍ତି । ଯାହାକୁ ବି.ଜେ.ପି ତୀବ୍ର ନିନ୍ଦା କରୁଅଛି ।

ଗତ 3 ମାସ ମଧ୍ୟରେ ଆଇ.ଇ.କେ.ଏ ଚାପରୁ 30% ମୂଳଧନରୁ ଆରମ୍ଭ କରିବା ପରେ ମଧ୍ୟ ଏଫ.ଡ଼ି.ଆଇ ଟଙ୍କା ହିସାବରେ 43% ତଳକୁ ଖସିଛି ଓ ଘରୋଇ ପୁଞ୍ଜି ନିବେଶକାରୀ ମାନେ ଦେଶ ବାହାରେ ପୁଞ୍ଜି ନିବେଶ ପାଇଁ ସୁଯୋଗ ଖୋଜୁଛନ୍ତି । 2000 ମସିହାରେ ଉକ୍ତ ଘରୋଇ ପୁଞ୍ଜି ନିବେଶକାରୀଙ୍କ ଦେଶ ବାହାରେ ପୁଞ୍ଜି ନିବେଶ, ଦେଶ ମଧ୍ୟରେ ହେଉଥିବା ବିଦେଶୀ ପ୍ରତ୍ୟେକ୍ଷ ପୁଞ୍ଜି ନିବେଶର 10% ଥିବା ବେଳେ ତାହା ବର୍ତ୍ତମାନ 50%କୁ ବୃଦ୍ଧି ପାଇଅଛି । ଏଭଳି ସ୍ଥିତିକୁ ସୁଧାରିବା ପାଇଁ ମଧ୍ୟ ସରକାରଙ୍କ ପକ୍ଷରୁ ଉଚିତ ପଦକ୍ଷେପମାନ ନ ନିଆଯାଇ ବରଂ କର ବୃଦ୍ଧି, ଦର ଦାମର ବୃଦ୍ଧି କରି ସାଧାରଣ ମଣିଷର ବୋଝକୁ ଆହୁରି ବଢ଼ାଇ ଦେଇଛନ୍ତି ।

ମୁଦ୍ରା ସ୍ଫୀତୀ : ପ୍ରକୃତ ହତ୍ୟାକାରୀ

ଉ.ପା ସରକାରର ସବୁଠାରୁ ବଡ଼ ବିଫଳତା ହେଉଛି କି, ସେ ନା ଦରଦାମ ନା ମୁଦ୍ରାସ୍ଫୀତୀକୁ ନିୟନ୍ତ୍ରଣ କରିପାରୁଛନ୍ତି । ଯାହାକି ପ୍ରାକୃତିକ ଦୁର୍ବିପାକ ଜନିତ କାରଣରୁ ସୃଷ୍ଟି ହୋଇ ନାହିଁ  ବରଂ ତାହା ଉ.ପା ସରକାରଙ୍କ ତରଫରୁ ଦେଶ ପାଇଁ ଏକ ଉପହାର କହିଲେ ଅତ୍ୟୁକ୍ତି ହେବ ନାହିଁ । ଖାଦ୍ୟ ଶସ୍ୟ ସଂରକ୍ଷଣରେ ଅଭାବ ତଥା ବଣ୍ଟନରେ ଅନିୟମିତତା ପାଇଁ ହିଁ ଏହା ହୋଇଅଛି । ଯେତେବେଳେ ଦେଶ ମାତ୍ର 30% ଖାଦ୍ୟ ସଂରକ୍ଷଣ କରିବା ଆବଶ୍ୟକ କରେ ସେତେବେଳେ ସରକାର 70% ଖାଦ୍ୟ ଗୋଦାମ ମଧ୍ୟରେ ରଖି ଦେଶରେ ଏକ କୃତିମ ଅଭାବ ସୃଷ୍ଟି କରାନ୍ତି ଓ ଦର ଦାମ ବୃଦ୍ଧି କରାନ୍ତି । ଯାହାକି ଦେଶର କୋଟି କୋଟି ଆବଶ୍ୟକ କରୁଥିବା ଶିଶୁଙ୍କ ପାଖରେ ନପହଞ୍ଚି ଗୋଦାମରେ ସଡ଼ିବା ପାଇଁ ଛଡ଼ାଯାଏ ଓ ପରେ ତାହାକୁ ହିଁ ବିଦେଶକୁ ଗୋଖାଦ୍ୟ ପାଇଁ ଅବା ମଦ୍ୟ ତିଆରି ପାଇଁ ରପ୍ତାନୀ କରାଯାଏ ।

ଉ.ପା ସରକାର ପୁଣି ସୁଧ ହାରକୁ 13 ଗୁଣ ବୃଦ୍ଧି କରାଇ ଟଙ୍କା ଯୋଗାଣକୁ ହ୍ରାସ କରିଦେଇଛନ୍ତି । ଖାଇବା ତେଲ କଥା ଦେଖାଯାଉ । ଯାହାକି 2003 ମସିହା ପର୍ଯ୍ୟନ୍ତ ଦେଶର ଆମଦାନୀର ସାମଗ୍ରୀ ନଥିଲା । ମାତ୍ର ବର୍ତ୍ତମାନ ତାହାର 50% ଆବଶ୍ୟକତା ଆମଦାନୀରୁ ହିଁ ପୂରଣ ହେଉଅଛି ।

ଆଉ ବର୍ତ୍ତମାନ ଯେତେବେଳେ ଜନତା ଦରଦାମର ଚକ୍ରବ୍ୟୁହରେ ପେଶି ହେଉଛନ୍ତି, ସେତେବେଳେ ସରକାର ତାଙ୍କ ପାଇଁ ଅନ୍ତତଃ କିଛିଟା ଉପଶମ ନଦେଇ ଓଲଟା ଜାଳେଣୀ ସାମଗ୍ରୀର ଦର ବୃଦ୍ଧି କରି ଆହୁରି ହନ୍ତ ସନ୍ତ କରୁଛନ୍ତି । ଡ଼ିଜେଲ ଦର ଥରକରେ 5 ଟଙ୍କା ବୃଦ୍ଧି ପାଇ ତାହା ପରେ 10ଟଙ୍କାକୁ ବୃଦ୍ଧି ପାଇଅଛି ଏବଂ ସରକାର ଖାଉଟି ମାନଙ୍କୁ ବହୁଳ ବ୍ୟବହାର ବା କମ ବ୍ୟବହାରକୁ ନେଇ ଦୁଇ ଭାଗ କରି, ବହୁଳ ବ୍ୟବହାର କରୁଥିବା ଖାଉଟି ମାନଙ୍କ ପାଇଁ ଲିଟର ପିଛା 11 ଟଙ୍କା ବୃଦ୍ଧି କରିଛନ୍ତି । ବଜେଟ ଉପସ୍ଥାପନା କରିବାର ମାତ୍ର 48 ଘଣ୍ଟା ମଧ୍ୟରେ ପେଟ୍ରୋଲ ଦର ଲିଟର ପିଛା 1.50 ପଇସା ଓ ବହୁଳ ବ୍ୟବହାର କରୁଥିବା ଖାଉଟି ମାନଙ୍କ ପାଇଁ ଡ଼ିଜେଲ ଦର ଲିଟର ପିଛା 1.25 ପଇସା ବୃଦ୍ଧି କରାଯାଇଛି । ସରକାର ଗ୍ୟାସ ସିଲିଣ୍ଡର ଉପରେ କଟକଣା ଲଗାଇ ଯେଉଁ ବାସ୍ତବତାକୁ ଅଣଦେଖା କରୁଛନ୍ତି ତାହା ନିଶ୍ଚିତ ଭାବରେ ଦରଦାମ ବୃଦ୍ଧିର ଅନ୍ୟ ଏକ କାରଣ ହେବ । ଏହା ଦ୍ୱାରା ପରିବହନ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇବ । ତେଣୁ ଏହା ସତ୍ୟ ଯେ ଥରେ ଜାଳେଣିର ଦର ବଢ଼ିଲେ ତାହା ସହ ତାଳ ଦେଇ ବିଭିନ୍ନ ପ୍ରକାରର ଆବଶ୍ୟକୀୟ ଜିନିଷ ପତ୍ରର ମଧ୍ୟ ଦରଦାମ ବଢ଼ିଚାଲିବ ।

ମୁଦ୍ରାସ୍ଫୀତୀ ବୃଦ୍ଧି ଫଳରେ ଶ୍ରମ କରୁଥିବା ବା ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଜୀବନ ବିଶେଷ ଭାବରେ ପ୍ରଭାବିତ ହୁଏ । ଯେଉଁଠିକି ତାଙ୍କ ଦରମା ଅପରିବର୍ତ୍ତିତ ରହିଥିବା ବେଳେ ଅତ୍ୟାବଶ୍ୟକୀୟ ସାମଗ୍ରୀ ମାନଙ୍କର ଦରଦାମ ବଢ଼ି ଯିବାରୁ ତାଙ୍କର ପରିବାର ଚଳାଇବା ଓ ବଞ୍ଚିବାରେ ବହୁତ କଷ୍ଟ ହେଉଅଛି । ବିଶେଷ କରି ଗୃହିଣୀ ମାନେ ଅଧିକ କଲବଲ ହେଉଛନ୍ତି । ତେଣୁ ବି.ଜେ.ପି ଯଥା ଶୀଘ୍ର ପେଟ୍ରୋଲ, ଡ଼ିଜେଲ, ରେଳ ଓ ଅନ୍ୟାନ ସେବା ଯେଉଁଥିରେ ସାଧାରଣ ମଣିଷ ପ୍ରଭାବିତ ହୁଏ, ସେଗୁଡ଼ିକର ଦରଦାମ ହ୍ରାସ କରିବାକୁ ଦାବି କରେ । ଏଥିପାଇଁ ମୁଖ୍ୟତଃ ଦରଦାମ ବୃଦ୍ଧି ଓ ସରକାରଙ୍କର ଶ୍ରମିକ ମାରଣା ନୀତି ବିରୋଧରେ ସମଗ୍ର ଭାରତରୁ ଶ୍ରମିକ ତଥା କର୍ମଚାରୀମାନେ ଦୁଇ ଦିନ ଧରି ଦେଶ ବ୍ୟାପି ବନ୍ଦ ପାଳନ କରିଥିଲେ । ହେଲେ ଉ.ପା ସରକାରଙ୍କ ପାଖରେ ଦରଦାମ ନେଇ ନା ଦରମା ନେଇ ନୀତି ନିୟମ ଅଛି । ତେଣୁ ବି.ଜେ.ପି ସମସ୍ତ ଶ୍ରମିକ ଯେଉଁମାନେ କି ସୁବିଧା ପାଇପାରୁ ନାହାନ୍ତି ସେମାନଙ୍କ ଦରମା, ଚାକିରି ଓ ସାମାଜିକ ସୁରକ୍ଷା ପାଇଁ ଦାବି କରେ ।

କଂଗ୍ରେସ ନେତୃତ୍ୱାଧୀନ ଉ.ପା ସରକାର ଭ୍ରଷ୍ଟାଚାରର ଏକ ସ୍ତମ୍ଭ ପାଲଟି ଗଲାଣି । ବର୍ତ୍ତମାନ ପୁଣି ଭି.ଭି.ଚପ୍ପର ସ୍କାମ ଓ କୃଷି ଋଣ କାଗଜ ପତ୍ର ନେଇ ହୋଇଥିବା ସ୍କାମ ମୁଣ୍ଡ ଟେକି ଉଠିଛି । ସବୁଠାରୁ ଆଶ୍ଚର୍ଯ୍ୟ ଘଟଣା ଏହିକି ଭି.ଭି ଚପ୍ପର ସ୍କାମରେ ଇଟାଲୀ ଦେଶ ନିଜେ ଉପକୃତ ହୋଇ ମଧ୍ୟ ସେ ଉକ୍ତ ଦୁର୍ନୀତିର ତୁରନ୍ତ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ବିଧାନ କରିଛି । ମାତ୍ର ଭାରତ ଯିଏ ଉକ୍ତ ଦୁର୍ନୀତିରେ ବିରାଟ କ୍ଷତି ସହ୍ୟ କରିଅଛି ସେ ଆଜି ପର୍ଯ୍ୟନ୍ତ ତଦନ୍ତ ହିଁ ଆରମ୍ଭ କରିନାହିଁ । ସେଠାରେ ଲାଞ୍ଚ ଗ୍ରହଣକାରୀ, ଦି ଫ୍ୟାମିଲିକୁ ଏପର୍ଯ୍ୟନ୍ତ ଖୋଜି ବାହାର କରିନାହାନ୍ତି । ଏଥିପାଇଁ ନା ଏଫ.ଆଇ.ଆଇ ଦାଖଲ ହୋଇଛି ନା ସି.ବି.ଆଇ କୁ ତଦନ୍ତ ପାଇଁ ଦିଆଯାଇଛି ଏବଂ ଜେ.ପି.ସି ତଦନ୍ତ କରିପାରିବ ନାହିଁ ଜାଣି ମଧ୍ୟ ତାହାରି ହାତରେ କେଶଟିକୁ ଦେଇଛନ୍ତି ।

କୃଷି ଋଣ ଦାନ ନେଇ 34 ଲକ୍ଷରୁ ଅଧିକ କୃଷକ ଯେ କି ଋଣ ପାଇଁ ଯୋଗ୍ୟ ଅଟନ୍ତି ମାତ୍ର ସରକାରଙ୍କର ଭ୍ରାନ୍ତ ଯୋଜନା ପାଇଁ ଋଣରୁ ବଞ୍ଚିତ ହୋଇଥିବା ବେଳେ 24 ଲକ୍ଷ ଅଯୋଗ୍ୟ କୃଷକ ବା ବ୍ୟକ୍ତି ଋଣ ଲାଭ କରି ବିଶେଷ ଲାଭବାନ ହୋଇଛନ୍ତି । ତେଣୁ ଭ୍ରଷ୍ଟାଚାର ମଧ୍ୟ ଦରଦାମ ବୃଦ୍ଧି ପାଇବାର ପ୍ରଧାନ କାରଣ ଅଟେ ଓ ସେଥିପାଇଁ ହିଁ ବିତ୍ତୀୟ ନିଅଣ୍ଟ ବୃଦ୍ଧି ପାଇ ଚାଲିଛି । ତେଣୁ ବି.ଜେ.ପି ଉଭୟ ଭ୍ରଷ୍ଟାଚାରର ପର୍ଦ୍ଦାଫାଶ କରିବା ସହ ଯୋଗ୍ୟ କୃଷକ ମାନଙ୍କୁ ଯଥାଶୀଘ୍ର ଋଣ ପ୍ରଦାନ କରିବାକୁ ଦାବି କରେ ।

## ସୁଶାସନର ଅଭାବ

ଉ.ପା ସରକାର ସବୁବେଳ ପାଇଁ ଆଭ୍ୟନ୍ତରୀଣ ବିଫଳତା ପାଇଁ ବୈଦେଶିକ ପରିସ୍ଥିତିକୁ ଦୋଷ ଦେଇ ମୁକୁଳିବାକୁ ଚାହୁଁଛନ୍ତି । ମାତ୍ର ତାଙ୍କ ନୀତି ନିୟମର କ୍ଷଣ ଭଙ୍ଗୁରତା, ନିଷ୍ପତ୍ତି ନେବାରେ ଅବହେଳା, କୁଶାସନ ଆଦି ଉପରୋକ୍ତ ପରିସ୍ଥିତି ପାଇଁ ଦାୟୀ ଅଟେ । କଂଗେସ ନେତୃତ୍ୱାଧୀନ ଉ.ପା ସରକାର ବହୁଳ ପରିମାଣର ପ୍ରାକୃତିକ ସମ୍ପଦକୁ କମ ମୂଲ୍ୟରେ ବିକ୍ରୟ କରି ଦେଶର ରାଜସ୍ୱ ପାଇଁ ବିରାଟ କ୍ଷତି କରିଅଛନ୍ତି । ପ୍ରଧାନ ମନ୍ତ୍ରୀ କୋଇଲା ଯୋଗାଣକୁ ନୀରିକ୍ଷଣ କରିବା ପାଇଁ ଏକ କମିଟି ଗଠନ କରିଥିଲେ । ଯାହାର କାର୍ଯ୍ୟ ଅଦ୍ୟାବଧି ବାକି ପଡ଼ିଅଛି । ପ୍ରତ୍ୟେକ କାର୍ଯ୍ୟର ଶୀଘ୍ରତା ପାଇଁ ସେ ଏକ ଜାତୀୟ ପୁଞ୍ଜି ନିବେଶ ବୋର୍ଡ଼ ଗଠନ କରିଥିଲେ । ମାତ୍ର ତାହାକୁ କିଛି କଂଗ୍ରେସର ବରିଷ୍ଠ ନେତାଙ୍କ ଦ୍ୱାରା ଆକ୍ରମଣ କରାଯାଇଥିଲା । ଶେଷରେ ସେ ପୁଞ୍ଜି ନିବେଶ ପାଇଁ ଏକ କ୍ୟାବିନେଟ କମିଟି ଗଠନ କରିଥିଲେ । ଯାହାକି ଗତ 4 ବର୍ଷ ମଧ୍ୟରେ ମାତ୍ର କିଛି ଯୋଜନାକୁ ହିଁ ସ୍ପଷ୍ଟ କରିଛନ୍ତି । ଏପରିକି ପ୍ରଧାନ ମନ୍ତ୍ରୀଙ୍କର ସ୍ୱପ୍ନର ଯୋଜନା, ମାଲ ପରିବହନ ପାଇଁ ଦୁଇଟି ସ୍ୱତନ୍ତ୍ର ଉଡ଼ାଜାହଜର ଗମନାଗମନ ପଥ ଆଜି ମଧ୍ୟ ପ୍ରାରମ୍ଭିକ ଅବସ୍ଥାରେ ରହିଅଛି । ତେଣୁ ପ୍ରଧାନ ମନ୍ତ୍ରୀ ଯେତେବେଳେ କହିଥିଲେ କି ଟଙ୍କା ଗଛରୁ ଫଳେ ନାହିଁ ସେ କଥାରୁ ତାଙ୍କ ଅପାରଗତା ସ୍ପଷ୍ଟ ଅନୁମାନ କରାଯାଏ ।

ଦେଶର ଅଭ୍ୟନ୍ତରୀଣ ବିଶୃଙ୍ଖଳା ହିଁ ଆର୍ଥିକ ବିଶୃଙ୍ଖଳାର ମୁଖ୍ୟ କାରଣ । ଯେପରି ସରକାର ଓ ଶାସକ ଦଳ ମଧ୍ୟରେ ସବୁବେଳେ ମତଭେଦ ଓ ବିଶୃଙ୍ଖଳା, ପ୍ଲାନିଂ କମିଶନ ଓ ଏନ.ଏ.ସି ମଧ୍ୟରେ ମତଭେଦ, ଓ ଅର୍ଥମନ୍ତ୍ରାଳୟ ଓ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ମଧ୍ୟରେ ମତଭେଦ ହୋଇଆସିଛି ।

## ବି.ଜେ.ପି ନେତୃତ୍ୱାଧୀନ ଏନ.ଡ଼ି.ଏ ସରକାର ନା ଉ.ପା ସରକାର

ଏନ.ଡ଼ି.ଏ ର ପ୍ରଧାନ ଆସ୍ଥା ବିନିର୍ମାଣ କାର୍ଯ୍ୟ ଯାହାକି ଉ.ପା ସରକାରଙ୍କ ଦ୍ୱାରା ଅଣଦେଖା କରାଯିବା ଫଳରେ ଦେଶ ଆଜି 10 ବର୍ଷ ତଳକୁ ଚାଲି ଯାଇଅଛି । ଏନ.ଡ଼ି.ଏ ଶାସନ ସମୟରେ ଜାତୀୟ ରାଜପଥ ନିର୍ମାଣ ଦିନକୁ 11 କି.ମି କରାଯାଉଥିବା ବେଳେ ବର୍ତ୍ତମାନ ଦୈନିକ 22 କି.ମି ନିର୍ମାଣ କରାଇବାର ଅନେକ ପ୍ରତିଶ୍ରୁତି ସତ୍ତ୍ୱେ ମଧ୍ୟ ଦିନକୁ ମାତ୍ର 3 କି.ମି ହେଉଅଛି । ଏକାଦଶ ପଞ୍ଚ ବାର୍ଷିକ ଯୋଜନାରେ 78,000 ମେଗା ୱାଟ ଶକ୍ତି ସୃଷ୍ଟି ପାଇଁ ଲକ୍ଷ୍ୟ ଦିଆଯାଇଥିବା ବେଳେ ବର୍ତ୍ତମାନ ମାତ୍ର 54,000 ମେଗା ୱାଟକୁ ପହଞ୍ଚିଛି । ରେଳ, ବିମାନ, ବନ୍ଦର ତଥା ତୈଳ ଓ ଗ୍ୟାସ ଆଦି ପ୍ରତ୍ୟେକ କ୍ଷେତ୍ରର ବିନିର୍ମାଣ କାର୍ଯ୍ୟ ଆଜି ପଛରେ ପଡ଼ିଅଛି । ଏନ.ଡ଼ି.ଏ 4 ବର୍ଷ ମଧ୍ୟରେ ଅଧିକ 40 ମିଲିୟନ ପରିବାରକୁ ଗ୍ୟାସ ସଂଯୋଗ ଦେବାପାଇଁ ଆଶ୍ୱାସନା ଦେଇଥିବା ବେଳେଉ.ପା ସରକାର 9 ବର୍ଷ ମଧ୍ୟରେ ମଧ୍ୟ ଉକ୍ତ ଲକ୍ଷ୍ୟକୁ ଛୁଇଁ ପାରିନାହିଁ । ପି.ଏସ.ୟୁ, ଏମ.ଏନ.ଟି.ଏଲ, ବି.ଏସ.ଏନ.ଏଲ, ଏନ.ଟି.ପି.ସି ଓ ଏୟାର ଇଣ୍ଡିଆ ଆଦି କ୍ଷେତ୍ର ରାଜନୈତିକ ଅପବ୍ୟବହାର ପାଇଁ ବିରାଟ ସମସ୍ୟା ମଧ୍ୟରେ ଅତିକ୍ରମ କରୁଛନ୍ତି । ଯାହାକି ପୁଞ୍ଜିନିବେଶ ତଳକୁ ଖସିବାର ଏକ ପ୍ରଧାନ କାରଣ । ଏନ.ଡ଼ି.ଏ ସରକାର ତାହାର ଶାସନ କାଳରେ 12 ମିଲିୟନ ନୂତନ ନିଯୁକ୍ତି ସୃଷ୍ଟି କରିଥିଲା ଯେଉଁଠିକି ଉ.ପା ସରକାର ମାତ୍ର 2 ମିଲିୟନ ନୂତନ ନିଯୁକ୍ତି ସୃଷ୍ଟି କରିଅଛି । ସେଥିପାଇଁ ଦେଶକୁ ଏକ ସୁଚିନ୍ତିତ ଓ ଗଠନ ମୂଳକ ଯୋଜନାର ଆବଶ୍ୟକତା ରହିଅଛି । ଦାରିଦ୍ର୍ୟ ଦୂରିକରଣ ପନ୍ଥା ଏପରି କରିବା ଆବଶ୍ୟକ କି ତାହା ଜନତାଙ୍କୁ ରୋଜଗାର ପାଇଁ ସବୁବେଳେ ସରକାରଙ୍କ ଉପରେ ନିର୍ଭରଶୀଳ ନହୋଇ ବରଂ ଆତ୍ମ ନିର୍ଭରଶୀଳ ହେବା ଦରକାର ।

## ଚାଷୀମାନଙ୍କର ଦୁର୍ଭାଗ୍ୟ

କୃଷି ଦେଶର 60% ଜନତାଙ୍କୁ ନିଯୁକ୍ତି ଦେଉଥିବା ବେଳେ କୃଷକଙ୍କ ଏପରି ଦାରଣ ଅବସ୍ଥା ବାସ୍ତବରେ ଚିନ୍ତାର ବିଷୟ୍ । ଆଜି ଚାଷୀ ମାନଙ୍କର ଆତ୍ମହତ୍ୟା ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗୁଅଛି । ହେଲେ ଉ.ପା ସରକାର ସବୁବେଳେ କୃଷକ ବିରୋଧୀ ନୀତି ଅବଲମ୍ବନ କରୁଛନ୍ତି । ସେମାନଙ୍କ ଚାଷ ନେଇ ଆବଶ୍ୟକ ହେଉଥିବା ସାମଗ୍ରୀର ଖର୍ଚ୍ଚ ଓ ଏମ.ଏସ.ପି (ମିନିମମ ଷ୍ଟାଣ୍ଡାର୍ଡ଼ ପ୍ରାଇସ ) ମଧ୍ୟରେ ବ୍ୟବଧାନ ନରହିବାରୁ ସେମାନେ ଚାଷରୁ ଆଦୌ ଲାଭ ପାଇ ପାରୁନାହାନ୍ତି । ଏନ.ଡ଼ି.ଏ ସରକାର କୃଷକ ମାନଙ୍କ ହୀତକୁ ଦୃଷ୍ଟିରେ ରଖି ଏକ ସ୍ୱାମୀନାଥନ କମିଶନ ବସାଇଥିଲା । ମାତ୍ର ଉ.ପା ସରକାର ତାହାକୁ ବାରମ୍ବାର କରି ତାହାକୁ ପାର୍ଲିଆମେଣ୍ଟରେ ପ୍ରତ୍ୟାହାର କରୁଅଛି । ତାହା ବ୍ୟତିତ ଚାଷୀ ମାନଙ୍କର ଉତ୍ପାଦିତ ଶସ୍ୟ ସଂଗହ ପାଇଁ ନିକଟରେ ସଂଗ୍ରହ କେନ୍ଦ୍ର ମଧ୍ୟ ନାହିଁ । ତେଣୁ ସେମାନେ ସଂରକ୍ଷଣର ଅଭାବରୁ ବାଧ୍ୟ ହୋଇ କମ ମୂଲ୍ୟରେ ନିଜ ଶସ୍ୟକୁ ବିକ୍ରୟ୍ କରୁଛନ୍ତି । ଏପରିକି ସରକାରଙ୍କ ତରଫରୁ ଚାଷୀ ମାନଙ୍କୁ ଆବଶ୍ୟକ ପରିମାଣର ଋଣ ମଧ୍ୟ ଯୋଗାଇ ଦିଆଯାଉ ନାହିଁ । 2010-11 ରେ ଧାନ ଉତ୍ପାଦନରେ ମୂଳ ଖର୍ଚ୍ଚ ଓ ଏମ.ଏସ.ପି ମଧ୍ୟର ବ୍ୟବଧାନ 35% ରୁ ହ୍ରାସ ପାଇ 2012-13 ରେ ତାହା 8% ହୋଇଅଛି । ଗହମ କ୍ଷେତ୍ରରେ ମଧ୍ୟ ତାହା 2010-11 ରେ 33% ରୁ ହ୍ରାସ ପାଇ 13% ହୋଇଅଛି । କାରଣ କୃଷି ପାଇଁ ଆବଶ୍ୟକୀୟ୍ ସାମଗ୍ରୀ ଯଥା ବିହନ, ସାର, କୀଟ ନାଶକ, ଡ଼ିଜେଲ, ଶକ୍ତି, ଜଳ, ଆଦି ପ୍ରତ୍ୟେକ ଜିନିଷର ଦର ବୃଦ୍ଧି ପାଇବା ସମୟରେ କୃଷି ଜନିତ ଚାଷୀର  ଲାଭ କମ ହେଉଅଛି । ବି.ଜେ.ପି ସ୍ୱାମୀନାଥନ କମିଶନକୁ ଗ୍ରହଣ କରିବା ପାଇଁ ଦାବି କରିବା ସହ ଏନ.ଡ଼ି.ଏ ସମୟରେ ଆରମ୍ଭ ହୋଇଥିବା ଚାଷୀ ମାନଙ୍କର ଆୟକୁ ସୁରକ୍ଷା ଦେବା ଯୋଜନାକୁ ମଧ୍ୟ କାର୍ଯ୍ୟକାରୀ କରିବା ପାଇଁ ଦାବି କରେ । ତାହା ସହ ସରକାରଙ୍କୁ ସତର୍କବାଣୀ ଦିଏ କି ସେମାନେ ଦୋର କୃଷିନୀତିକୁ ପରିବର୍ତ୍ତନ ନକଲେ ଦେଶ ନିଶ୍ଚିତ ଭାବରେ ପତନଭିମୁଖୀ ହୋଇଯିବ ତାହା ନିଃସନ୍ଦେହ । ଉ.ପା ସରକାରଙ୍କ ନିଉଟ୍ରିଏଣ୍ଟ ବେସଡ଼ ସବସିଡ଼ି (ଏନ.ବି.ଏସ) ଯୋଜନା ଫଳରେ ଯେଉଁ ସାରରେ ଏନ.ବି.ଏସ ନାହିଁ ତାହାର ଦର ଆହୁରି ବୃଦ୍ଧି ପାଇବାକୁ ଲାଗୁଛି । ଯେଣୁ ୟୁରିଆ ନଥିବା ସାରର ମୂଲ୍ୟ ଆକାଶ ଛୁଆଁ ହୋଇଯାଉଛି । ତେଣୁ ଚାଷୀ ବାଧ୍ୟ ହୋଇ ୟୁରିଆ ଯୁକ୍ତ ସାର ପ୍ରଯୋଗ କରୁଛନ୍ତି । ଚାଷୀ ମାନଙ୍କ ପାଇଁ କମ ସାର ଯୋଗାଣ ହେଉଥିବାରୁ ସେମାନଙ୍କୁ କଳା ବଜାରୀରେ ମଧ୍ୟ ସାର କ୍ରୟ୍ କରୁଛନ୍ତି । ଯାହାକୁ ପ୍ରତି ବର୍ଷ ଶହ ଶହ ଚାଷୀ ପ୍ରତିବାଦ ମାଧ୍ୟମରେ ଜଣାଉଛନ୍ତି । ଜଳ ସେଚନକୁ ଅଣଦେଖା କରିବା ସରକାରଙ୍କର ଚାଷୀ ମାନଙ୍କ ଉପରେ ଅନ୍ୟ ଏକ ଅତ୍ୟାଚାର କହିଲେ ଚଳେ । 1989 ମସିହାରେ ଡ଼ଃ ମନମୋହନ ସିଂହ ପ୍ଲାନିଂ କମିଶନରେ ଥିବାବେଳେ ପ୍ରଚୁର ଫସଲ ଅମଳ ହୋଇଥିବା କେତେକ ଅଞ୍ଚଳକୁ ଜଳ ସେଚନ ପାଇଁ କମ ଜଳ ଯୋଗାଇବାର ଯେଉଁ ନିଷ୍ପତ୍ତି ନେଇଥିଲେ ତାହାର ପାଉଣା ସ୍ୱରୂପ ଦେଶର ଜଳସେଚନକୁ 20 ବର୍ଷ ଅତୀତକୁ ପହଞ୍ଚାଇ ଦେଇଛନ୍ତି ।

ମରୁଡ଼ି ଓ ଅଣମୌସୁମୀ ଜନିତ ବର୍ଷା

ଦେଶର କର୍ଣ୍ଣାଟକ, ମହାରାଷ୍ଟ୍ର, ଗୁଜୁରାଟ, ତାମିଲନାଡୁ, ମଧ୍ୟ ପ୍ରଦେଶ, ଆନ୍ଧ୍ର ପ୍ରଦେଶ ଓ ରାଜସ୍ଥାନ ଆଦି ରାଜ୍ୟର ବହୁତ ଅଞ୍ଚଳ ଆଦି ମରୁଡ଼ିର ଶିକାର ହୋଇଛନ୍ତି । ଯେଉଁଥିରେ ଦେଶର 100 ଠାରୁ ଉର୍ଦ୍ଧ ଜିଲ୍ଲା ଅନ୍ତର୍ଭୁକ୍ତ । ସେଠାରେ ଫସଲ ନଷ୍ଟ ହେବା ଦ୍ୱାରା ଚାଷୀମାନଙ୍କର ଋଣ ବୃଦ୍ଧି ପାଇଚାଲିଛି ଓ ଚାଷୀଙ୍କୁ ବହୁ ଦୁଃଖଦ ପରିସ୍ଥିତିରେ କାଳାତିପାତ କରିବାକୁ ପଡୁଛି । ଏପରିକି କେତେକ ସ୍ଥାନରେ ଶିଳ୍ପାଞ୍ଚଳକୁ ବହୁ ପରିମାଣର ଜଳ ଯୋଗାଣ ଫଳରେ ସେଠାକାର ଜନତା ପିଇବା ପାଣି ନେଇ ମଧ୍ୟ ହନ୍ତ ସନ୍ତ ହେଉଛନ୍ତି । ଜଳ ଓ ନଡ଼ାର ଅଭାବରୁ ସର୍ବସାଧାରଣ ଗୋ ଶିବିର ଅନୁଷ୍ଠିତ ହେବା ବନ୍ଦ ହୋଇଯାଇଛି । ହେଲେ କେନ୍ଦ୍ର ସରକାର ସେଥିପାଇଁ ଆଶୁ ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଅଣମୌସୁମୀ ବର୍ଷା ବା ବିଳମ୍ବରେ ମୌସୁମୀର ଆଗମନ ହେତୁ ଉତ୍ତର ଭାରତରେ ଫସଲର ବିରାଟ କ୍ଷତି ସାଧନ ହେଉଅଛି । ରବି ଫସଲର ମଧ୍ୟ ବିରାଟ କ୍ଷତି ହେବାର ସମ୍ଭାବନା କରାଯାଏ । ବି.ଜେ.ପି ଚାଷୀ ମାନଙ୍କ ଋଣ ବ୍ୟବସ୍ଥା କରିବା ସହ ପ୍ରଭାବିତ ଚାଷୀ ମାନଙ୍କୁ ସହାୟତା କରିବା ପାଇଁ ଦାବି କରେ ।

ଦେଶର ଉନ୍ନତି ପାଇଁ ଏନ.ଡ଼ି.ଏ ସରକାରର ଅବଦାନ

ଆଜି ବି.ଜେ.ପି ବା ଏନ.ଡ଼ି.ଏ ଶାସିତ ରାଜ୍ୟ ମାନଙ୍କର କୃଷି ବିକାଶ ହାର ଖୁବ ଅଧିକ । ମହାମହୀମ ରାଷ୍ଟ୍ରପତି ଦେଶର କୃଷି ବିକାଶ ହାର ଯେଉଁ 3.5% ବୋଲି କହିଛନ୍ତି । ହେଲେ ସରକାରଙ୍କୁ ଜାଣିବା ଆବଶ୍ୟକ କି,  ବି.ଜେ.ପି ବା ଏନ.ଡ଼ି.ଏ ଶାସିତ ରାଜ୍ୟର କୃଷି ବିକାଶ ହାର ବୃଦ୍ଧି ଯୋଗୁ ଉକ୍ତ ସଂଖ୍ୟା ରାଶି ଦୁଇଗୁଣ ହୋଇପାରିଛି ।

କଂଗ୍ରେସ ପାର୍ଟିଖାଦ୍ୟ ସୁରକ୍ଷା ଯୋଜନା ଓ ପ୍ରତ୍ୟେକ୍ଷ ଅର୍ଥ ବିନିମୟ୍ ଯୋଜନା କୁ ନିଜର ରାଜନୈତିକ ସୌଭାଗ୍ୟ ବୋଲି ମନେ କରନ୍ତି । ଛତିଶ ଗଡ଼ ଏହି ଯୋଜନା ମାଧ୍ୟମରେ ରାଜ୍ୟର 90% ଜନତାଙ୍କୁ ଖାଦ୍ୟ ସୁରକ୍ଷା ଦେଇପାରିଛି ଓ ବହୁ ଏନ.ଡ଼ି.ଏ ଶାସିତ ରାଜ୍ୟ ନିଜ ରାଜ୍ୟରେ ପ୍ରତ୍ୟେକ୍ଷ ଅର୍ଥ ବିନିମୟ୍ ଯୋଜନା ମାଧ୍ୟମରେ ମେଧା ବୃତ୍ତି, ବାର୍ଦ୍ଧକ୍ୟ ଭତ୍ତା ଆଦି ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଲାଗୁ କରିଛନ୍ତି । ଦେଶର ବିକାଶ ହାର ଯେଉଁ 5% ବୃଦ୍ଧି ହୋଇଅଛି ତାହା ବି.ଜେ.ପି ଓ ଏନ.ଡ଼ି.ଏ ଶାସିତ ରାଜ୍ୟର ହାରାହାରି ବିକାଶ ହାର 10% ହେବା ଯୋଗୁ ସମ୍ଭବପର ହୋଇପାରିଛି । ଯଦି ସରକାର ଉକ୍ତ ରାଜ୍ୟ ଗୁଡ଼ିକ ସହ ସମାନ ହେବା ପାଇଁ ଚେଷ୍ଟା କରନ୍ତି ବା ତାହାକୁ ଅନୁକରଣ କରନ୍ତି ତେବେ ମଧ୍ୟ ସେ ଦେଶର ଅର୍ଥନୀତିକୁ ସମ୍ଭାଳିବା ପାଇଁ ସମର୍ଥ ହୁଅନ୍ତେ । ସରକାରଙ୍କର ବିନା ଶିତୋତାପ ନିୟନ୍ତ୍ରିତ ରେଷ୍ଟୁରାଣ୍ଟ ଉପରେ କର ଧାର୍ଯ୍ୟ କରିବା ଘଟଣା ମଧ୍ୟ ରାଜ୍ୟ ଗୁଡ଼ିକର ପରିସର ମଧ୍ୟକୁ ଅନଧିକାର ପ୍ରବେଶ କହିଲେ ଚଳେ ।

ବଜେଟ-2013

28.02.2013 ରେ ସଂସଦରେ ଯେଉଁ ବଜେଟ ଉପସ୍ଥାପିତ ହୋଇଅଛି ତାହା ଦେଶର ଅର୍ଥନୈତିକ ସ୍ଥିତିକୁ ସୁଧାରିବା ଦିଗରେ କୌଣସି ସହାୟତା କରିବ ନାହିଁ । ଏକ ବିରାଟ ପ୍ରତିକୂଳ ପରିସ୍ଥିତିରେ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ବର୍ତ୍ତମାନ ଯେଉଁ ବଜେଟଟି ଉପସ୍ଥାପନା କରାଯାଇଛି ସେଥିରେ ନୀତି ନିୟମ ତଥା ଦରଦାମର ସାମାନ୍ୟ ମାତ୍ର ପରିବର୍ତ୍ତନ କରାଯାଇଛି । ହେଲେ ଉ.ପା ସରକାରଙ୍କ ପଙ୍ଗୁ ପ୍ରାୟ ନୀତି ନିୟମ ହିଁ ଦେଶର ଅର୍ଥନୈତିକ ପରିସ୍ଥିତିକୁ ଏପରି ଚରମ ଅବସ୍ଥାରେ ପହଞ୍ଚାଇଛି । ଯଦିଓ ବାହାରୁ ଉକ୍ତ ବଜେଟଟି ବିରାଟ ପରିବର୍ତ୍ତନ ଆଣିବା ଭଳି ଦୃଶ୍ୟମାନ ହୁଏ, ହେଲେ ବାସ୍ତବ ପକ୍ଷେ ସେଥିରେ ଉତ୍ସାହ ଜନକ ହେବା ଭଳି କୌଣସି ଘଟଣା ହିଁ ନାହିଁ । ଦେଶର ବିନିର୍ମାଣ କାର୍ଯ୍ୟ ନେଇ ଏଥିରେ ତିଳେ ମାତ୍ର ଗୁରୁତ୍ୱ ଦିଆଯାଇନାହିଁ । କୃଷି କ୍ଷେତ୍ର ତ ସବୁବେଳ ପାଇଁ ସରକାରଙ୍କର ଅବହେଳାର ଶିକାର ହୋଇ ଆସିଛି । ହେଲେ ବର୍ତ୍ତମାନର ପରିସ୍ଥିତି ସାଧାରଣ ମଣିଷର ସୁଖ ଶାନ୍ତିକୁ ମଧ୍ୟ ଛଡ଼ାଇ ନେଇଛି । ଏଥିରେ ଦେଶର ରପ୍ତାନୀ ବୃଦ୍ଧି, ମୁଦ୍ରାସ୍ଫୀତୀ ହ୍ରାସ, ଟଙ୍କାର ଉଚ୍ଚ ମୂଲ୍ୟାୟନ, ଦେଶର ଜି.ଡ଼ି.ପି ବିକାଶ ହାରକୁ 5% ରୁ ପୁଣି 9%କୁ ପହଞ୍ଚାଇବା ନେଇ କୌଣସି ଯୋଜନା ପରିଲକ୍ଷିତ ହୁଏ ନାହିଁ ।

ଚଳିତ ବଜେଟରେ ଆଉ ଏକ ସତର୍କବାଣୀ ରହିଅଛି । ତାହା ହେଲା, ପେଟ୍ରୋଲିୟମ ସବସିଡ଼ିକୁ 96,980 କୋଟି ରୁ ହ୍ରାସ କରାଇ 65,000 କୋଟି ରଖାଯାଇଛି । ଯାହାକି ପୁନର୍ବାର ପେଟ୍ରୋଲ, ଡ଼ିଜେଲ ଓ ଗ୍ୟାସ ଆଦିର ଦର ବୃଦ୍ଧି କରାଇବାର ପୂର୍ବ ସୂଚନା ଦିଏ ।

ଉକ୍ତ ବଜେଟରେ ନୀତି ନିୟମ ପରିବର୍ତ୍ତନ ହେବା ଭଳି ବା ଅର୍ଥନୀତିର ଦିଶା ପରିବର୍ତ୍ତନ ହେବା ଭଳି କୌଣସି ପଦକ୍ଷେପ ନାହିଁ କହିଲେ ମଧ୍ୟ ଚଳେ ।  ଏଥିରେ ଉନ୍ନତିର

ପ୍ରତ୍ୟାଶା ନରଖି କେବଳ ମାତ୍ର କିଛି ଖର୍ଚ୍ଚକୁ କାଟି ଦିଆଯାଇଛି । ହେଲେ ଦେଶର ଦରିଦ୍ର ତଥା ଅନୁନ୍ନତ ବର୍ଗର ଜନତା ଓ ମଧ୍ୟବିତ୍ତ ଶ୍ରେଣୀର ଜନତା ହିଁ ଏଥିନେଇ ବିଶେଷ ଭାବରେ ଆଘାତ ପ୍ରାପ୍ତ ହେବେ ଏହା ନିଃସନ୍ଦେହ । ସବୁଠାରୁ ବିଶ୍ୱାସଘତକତାର କାର୍ଯ୍ୟ ହେଉଛି କି ସଂଶୋଧିତ ବଜେଟରେ ରାଜ୍ୟର ଖର୍ଚ୍ଚକୁ ଯେଉଁ 60,000 କୋଟି କଟା ଯାଇଛି, ତାହା ନା କୌଣସି ଘୋଷଣା ବା ଆଲୋଚନା ଦ୍ୱାରା କରାଯାଇଅଛି ।

ଅର୍ଥମନ୍ତ୍ରୀ ଆଗାମୀ ଦୁଇ ବର୍ଷ ପାଇଁ ସି.ଏ.ଡ଼ି କୁ ଦେବା ପାଇଁ 75 ବିଲିୟନ ଆମେରିକୀୟ ଡ଼ଲାର କଥା କହିଥିଲେ । ତାଙ୍କ ମତରେ ଏହାର ଏକ ମାତ୍ର ବିକଳ୍ପ ହେଉଛି, ଏଫ.ଡ଼ି.ଆଇ, ଏଫ.ଆଇ.ଆଇ ଓ ଇ.ସି.ବି । ଉ.ପା ସରକାରଙ୍କ ମତରେ ଏହା ହିଁ ଦେଶର ଆର୍ଥିକ ସୁଧାର ଆଣିବାର ଏକମାତ୍ର ପନ୍ଥା । ଯାହା ଦେଶର ହୀତକୁ ଦୃଷ୍ଟି ଆଗରେ ରଖି କୁହାଯାଉନାହିଁ ବରଂ ବିଶ୍ୱକୁ ଦୃଷ୍ଟି ଦେଇ କୁହାଯାଉଛି । ପ୍ରତ୍ୟେକ ଦେଶକୁ ନିଜ ନିଜର ଚାହିଦା ଓ ଜନତାଙ୍କ ଆବଶ୍ୟକତାକୁ ଦେଖି ଅର୍ଥନୈତିକ ପନ୍ଥା ନିରୂପଣ କରିବା ଆବଶ୍ୟକ । ଯାହାକୁ ବି.ଜେ.ପି ହିଁ କରିବାକୁ ସମର୍ଥ ଅଟେ ।

ବି.ଜେ.ପି ର ଦାବି

-ପେଟ୍ରୋଲ, ଡ଼ିଜେଲର ଦରଓ ଗ୍ୟାସ ସିଲିଣ୍ଡର ଉପରେ କଟକଣା ଖୁବ ଶୀଘ୍ର ଉଠାଇ ଦିଆଯାଉ ।

-ନୀତି ନିୟମର ସଂଶୋଧନ କରି ଅତ୍ୟାବଶ୍ୟକୀୟ ସମଗ୍ରୀର ଦର ହ୍ରାସ କରାଯାଉ ।

-ଏମ.ଏସ.ବି ମୂଲ୍ୟ ସହ 50% ଯୋଗ କରରିବାର ନିୟମ ଲାଗୁ କରାଯାଉ ।

-ଚାଷୀ ମାନଙ୍କର ଆୟକୁ ସୁରକ୍ଷିତ ରଖିବା ଯୋଜନାକୁ ପୁନର୍ବାର ଲାଗୁ କରାଯାଉ ।

-ମରୁଡ଼ି ଓ ଅଣ ମୌସୁମୀ ବର୍ଷା ଜନିତ ପ୍ରଭାବିତ ହେଉଥିବା ଚାଷୀ ମାନଙ୍କୁ ଋଣ ଯୋଗାଯାଉ ।

-ଯୋଗ୍ୟ ଚାଷୀ, ଯେଉଁମାନେ କି ଉକ୍ତ ଋଣ ଯୋଜନାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ଯଥା ଶୀଘ୍ର ଋଣ ଦେବାର ବନ୍ଦୋବସ୍ତ କରାଯାଉ ।

-ସାର ଦର ହ୍ରାସ କରାଇବା ପାଇଁ ଆଶୁ ପଦକ୍ଷେପ ଗ୍ରହଣ କରାଯାଉ ।

- ସମସ୍ତ ଶ୍ରମିକ ଶ୍ରେଣୀର ଲୋକଙ୍କୁ ଚାକିରି, ଦରମା, ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଉ ।

ଯଦି ଏହି ସବୁ ଦାବି ପୂରଣ ନହୁଏ ତେବେ ବି.ଜେ.ପି ଦେଶ ବ୍ୟାପି ସରକାରଙ୍କର ଜନତା ବିରୋଧୀ, ଉନ୍ନତି ବିରୋଧୀ ଅର୍ଥନୀତି ବିରୋଧରେ ବିକ୍ଷୋଭ ଆରମ୍ଭ କରିଦେବ ।

--------------------